# ବିକାଶ ଏଠି ଅପହଞ୍ଚ

## ରାସ୍ତା ନ ଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

**ଖଇରା,୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ଏକ ଅବହେଳିତ ଗାଁ ମାହାରାସାହି । ଗାଁକୁ ଯାତାୟାତ ଲାଗି ସବୁଦିନିଆ ରାସ୍ତା ନ ଥିବାରୁ ବିକାଶଧାରା ଏଠି ଅପହଞ୍ଚ ହୋଇ ରହିଛି। ଯେଉଁ ରାସ୍ତା ଅଛି , ସେଥିରେ ମୁଠେ ମାଟି କିମ୍ବା ନାଲି ଗୋଡି ପଡୁ ନ ଥିବାରୁ ବର୍ଷାଦିନେ ସ୍ଥାନୀୟ ବାସିନ୍ଦା ଯାତାୟାତ କରି ନ ପାରି ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସମସ୍ୟାର ପ୍ରତିକାର ଲାଗି ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଅବଗତ କରାଇ ନିରାଶ ହୋଇଥିବା କହିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରା ନ ଗଲେ ସେମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ମାନସ କୁମାର ଜେନା, ବରେନ୍ଦ୍ର ଜେନା, ଦ୍ରୌପଦୀ ଜେନା, ମାଳତୀ ଜେନା ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ୪ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଏହି ଗାଁର ଲୋକେ ଦୈନନ୍ଦିନ ଦୁର୍ଗମ ରାସ୍ତା ଦେଇ ଖଇରା ଏବଂ ବାଲେଶ୍ୱର ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଗାଡିରେ ଯିବା ଦୂରର କଥା ଚାଲି ଚାଲି ଯିବା ଦୁର୍ବିଷହ ହୋଇ ପଡୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ପଚପଚ ହୋଇ ପଡୁଥିବାରୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଗାଁକୁ ପଶି ପାରୁ ନାହିଁ। ପିଲାମାନେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟାଳୟକୁ ଯା'ଆସ କରୁଛନ୍ତି।



ପିଲା ମାନେ ଦୁର୍ଗମ ରାସ୍ତାରେ ବିଦ୍ୟାଳୟକୁ ଯାଉଛନ୍ତି।

## ସଂକ୍ଷେପରେ

### ଅଧାରେ ରହିଗଲା ଗାଡିପୂଜା ଦୁର୍ଘଟଣାରେ ପ୍ରାଣ ହରାଇଲେ ଗାୟତ୍ରୀ

**ଖଇରା, ୩।୯(ଡି.ଏନ.ଏ): ଖଇରା** ଥାନା ଡଗରପଡା ପଞ୍ଚାୟତ ଅଧୀନ ଦିଘିତେନ୍ତୁଳି ଗ୍ରାମର ବେଣୁଧର ପଣ୍ଡା ନୂଆ ଗାଡି କିଣିବା ପରେ ପୂଜା ପାଇଁ ସୋମବାର ସକାଳେ ଗଣ୍ଡିବେଡସ୍ଥିତ ବାବା ଲଙ୍କେଶ୍ୱର ମନ୍ଦିରକୁ ବାଇକ୍‌ରେ ଆସୁଥିଲେ। ପଛରେ ତାଙ୍କ ମା' ଗାୟତ୍ରୀ ବସିଥିଲେ। ଗଣ୍ଡିବେଡ ବଜାର ସମ୍ମୁଖରେ ଗାଡି ଆଗକୁ ଏକ ଛେଳି ଚାଲି ଆସିବାରୁ ବେଣୁଧର ଜୋରରେ ବ୍ରେକ ମାରିଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଗାୟତ୍ରୀ ଗାଡିରୁ ଛିଟିକି ପଡିବା ସହ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଉଥିବା ବେଳେ ମାର୍କୋଣା ନିକଟରେ ଆଖି ବୁଜିଥିଲେ। ଏହି ଖବର ଦିଘିତେନ୍ତୁଳି ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।

### ଠାକୁର ଘରେ ବୃଦ୍ଧାଙ୍କ ଆତ୍ମହତ୍ୟା

**ବାହାନଗା, ୩।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳ ଗ୍ରାମର ମଧୁସୂଦନ ବାରିକ (୬୫) ନାମକ ଜଣେ ଅବସରପ୍ରାପ୍ତ କର୍ମଚାରୀ ନିଜ ଠାକୁର ଘର ଭିତରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ରବିବାର ସକାଳେ ଘରେ କେହି ନ ଥିବା ବେଳେ ମଧୁସୂଦନ ଏହାର ସୁଯୋଗ ନେଇ ଆତ୍ମହତ୍ୟା କରିଥିଲେ। ସେ ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ବାହାନଗା ଶାଖା ଗୋପାଳପୁରଠାରେ କ୍ୟାଶିୟର ଭାବେ ଚାକିରି କରି ଅବସର ନେଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ହସପିଟାଲ ପଠାଇଛି।

# ଶିକ୍ଷା ସହ କ୍ରୀଡ଼ା ଅପରିହାର୍ଯ୍ୟ

**ଖଇରା,୩।୯(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ଲାଗି କ୍ରୀଡା ଅପରିହାର୍ଯ୍ୟ। ଏଥିଲାଗି ଶିକ୍ଷାନୁଷ୍ଠାନ ସ୍ତରରେ କ୍ରୀଡା ପ୍ରତି ଗୁରୁତ୍ୱାରୋପ କରାଯାଉଛି। ନିୟମିତ ଅଭ୍ୟାସ ଦ୍ୱାରା ଛାତ୍ରୀଛାତ୍ର କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକସ୍ତରୀୟ ଖେଳ ଓ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହରେ ଅତିଥି ଓ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି।

ସୋମବାର କୁପାରୀ ସରକାରୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଦୁଇ ଦିନିଆ ଦୌଡକୁଦ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଅଧ୍ୟକ୍ଷତା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ରାଉତ ମୁଖ୍ୟଅତିଥି,ଏବିଇଓ ସୁଦର୍ଶନ ରାଉତ,ଗୋଲକ ବିହାରୀ ପାଢୀ ଓ ବାସୁଦେବ ରାଉତ, ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ସମିତି ସଭ୍ୟା ସୁନିତା ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଶିକ୍ଷକ ସଂଘର ସଭାପତି ମହେନ୍ଦ୍ର ପ୍ରସାଦ କବି, ଦାମୋଦର ସେଣ୍ଠ, କମଳଲୋଚନ ଜେନା, ଖଇରା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ, କୁପାରୀର ପ୍ରଧାନଶିକ୍ଷକ କରୁଣାକର ମହାନ୍ତି, ସିଆରସିସି ପବିତ୍ର ମୋହନ ପଣ୍ଡା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ସୁଦର୍ଶନ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷ୍ଣୁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ରାଉତ ଖେଳ ପତାକା ଉତ୍ତୋଳନ କରିବା ପରେ ପିଲାଙ୍କ ମଧ୍ୟରେ ଦୌଡ, ଲମ୍ବଡିଆଁ, କବାଡି, ଖୋଖୋ ଆଦି ପ୍ରତିଯୋଗିତା ହୋଇଥିଲା। ବିଆରଟି ମନୋଜ ମହାପାତ୍ର, ଶ୍ରୀଧର ପରିଡା, ସନ୍ତୋଷ ଦକ୍ଷିଣରାୟଙ୍କ ସମେତ କୁପାରୀ ହାଇସ୍କୁଲର ସମସ୍ତ ଶିକ୍ଷକ, ବ୍ଲକର ବିଭିନ୍ନ ହାଇସ୍କୁଲର ଖେଳ ଶିକ୍ଷକ ଖେଳ ପରିଚାଳନାରେ ସହାୟତା କରିଥିଲେ।



ପିଲାମାନଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା।

## ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ

**ସଜନାଗଡ଼, ୩।୯(ଡି.ଏନ.ଏ.)**

ନୀଳଗିରି ରେଞ୍ଜ ଅନ୍ତର୍ଗତ ସ୍ୱର୍ଣ୍ଣଚୂଡ଼ ପାହାଡ଼ର ଚଲଣାପାଳ ସଂରକ୍ଷିତ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ଶାଳ ଗଣ୍ଡି ଚୋରା ଚାଲାଣ ହେଉଥିବା ବେଳେ 'ଆମ ଜଙ୍ଗଲ କମିଟି' ସହଯୋଗରେ ବନବିଭାଗ ଧରିଛି। ଚଢ଼ାଉର ନୀଳଗିରି ବନବିଭାଗ କର୍ମଚାରୀ ତଥା ରେଞ୍ଜର ସୁକୁମାର ଦାସ ନେତୃତ୍ୱ ନେଇଥିଲେ। ଫରେଷ୍ଟର ଦେବରାଜ ରାଉତ, ଗାର୍ଡ ଦୁଷ୍ମନ୍ତ ଜେନା, ହିମାଂଶୁ ପାଢ଼ୀ ଓ ସବୁଜବାହିନୀଙ୍କ ଉପସ୍ଥିତିରେ ୮୦ ସିଫ୍ଟ ଶାଳଗଣ୍ଡି ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ଅଧିକାରୀ କହିଛନ୍ତି। ଦୁର୍ବୃତ୍ତମାନେ ଫେରାର ହୋଇଥିବା ବେଳେ କାଠ ଜବତ ହୋଇଛି।



ଯୁବଗୋଷ୍ଠୀ ସଫେଇ କାର୍ଯ୍ୟ କରୁଛନ୍ତି।

## ଗ୍ରାମ ରାସ୍ତା ସଫେଇ କଲେ ଯୁବଗୋଷ୍ଠୀ

**ବାହାନଗା,୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକର ମହାରାଜପୁର ଗ୍ରାମରେ ସୁସ୍ଥ ପରିବେଶ ଗଠନ ଲାଗି ଯୁବ ଗୋଷ୍ଠୀ ଅଣ୍ଟା ଭିଡିଛନ୍ତି। ରବିବାର ରାଧାକୃଷ୍ଣ ଜୀୟୁ କ୍ଲବର ସଦସ୍ୟମାନେ ସଂଗଠିତ ହୋଇ ଗ୍ରାମ ରାସ୍ତା ଓ ବିଦ୍ୟାଳୟ ପରିସରକୁ ସଫାସୁତୁରା କରିଥିଲେ। ସେମାନେ ଅନାବନା ଗଛ ନଷ୍ଟ କରି ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ହିମାଂଶୁ ନାୟକ, ପର୍ଶୁରାମ ଶିଅଳ, କାର୍ତ୍ତିକ ବେହେରା, ଗଙ୍ଗାଧର ଶିଅଳ, ଦୀନବନ୍ଧୁ ଶିଅଳ, ତନ୍ମୟୀ ନାୟକ, ଭବାନୀ ପାତ୍ର, ରାଜେଶ ରାଉତ, ଭଗବାନ ପାତ୍ର, ସ୍ମୃତି ରଞ୍ଜନ ପରିଡା, ମୁକ୍ତିକାନ୍ତ ଆଚାର୍ଯ୍ୟ, ମଣ୍ଟୁ ନାୟକ, ହେମନ୍ତ ଶିଅଳ ପ୍ରମୁଖ କ୍ଲବର ସଦସ୍ୟମାନେ ଏହି ସଫେଇ କାର୍ଯ୍ୟ କରିଥିଲେ।



ନବନିଯୁକ୍ତି କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ନବନିଯୁକ୍ତ କନିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବାହାନଗା,୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକରେ ନବନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ସଂଘର ସଭାପତି ମାନସ କୁମାର ଦାସ ସଭାପତିତ୍ୱ କରିଥିଲେ। ପ୍ରଦୀପ କୁମାର ବିଶ୍ୱାଳ ମୁଖ୍ୟଅତିଥି ଓ ବିବେକାନନ୍ଦ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟବ୍ରତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ହୃଷୀକେଶ ବେହେରା, ଉପସଭାପତି ଅଜୟ ଦଳେଇ, ସ୍ମୃତିରେଖା ପଣ୍ଡା, ସହସମ୍ପାଦିକା ମଧୁସ୍ମିତା ସ, କୋଷାଧ୍ୟକ୍ଷ ବସନ୍ତ ବେହେରା, ସାଂଗଠନିକ ସମ୍ପାଦକ ତାପସ ବେହେରା ଓ ଜଗନ ମାଝୀ ବକ୍ତବ୍ୟ ରଖିଥିଲେ। ବସନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଧରିତ୍ରୀ DHARITRI
ମଙ୍ଗଳବାର, ୪ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ନିଖୋଜ ନାବାଳକଙ୍କ ମୃତଦେହ ଉଦ୍ଧାର

**ଜଳେଶ୍ୱର,୩।୯ (ଡି.ଏନ୍.ଏ):** ପଶ୍ଚିମବଙ୍ଗରୁ ଜଳେଶ୍ୱର ବ୍ଲକ ରାଜପୁର ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରକୁ ଆସି ରବିବାରଠାରୁ ସୁବର୍ଣ୍ଣରେଖା ନଦୀରେ ନିଖୋଜ ଜଣେ ନାବାଳକଙ୍କ ମୃତଦେହ ସୋମବାର ଉଦ୍ଧାର ହୋଇଛି। ମୃତ ନାବାଳକ ହେଲେ ଦାନ୍ତୁନ ଥାନା ଅଧିନ ଦାନ୍ତୁନ ଗ୍ରାମର ସେଖ୍ ରାଜୁ(୮)। ରବିବାର ସେ ସୁବର୍ଣ୍ଣରେଖା ନଦୀକୁ ଯାଇଥିବା ବେଳେ ଭାସି ଯାଇଥିଲେ। ଖବରପାଇ ଜଳେଶ୍ୱର ଅଗ୍ନିଶମ ବିଭାଗ କର୍ମଚାରୀ ନଦୀ ଘାଟରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ତାଙ୍କ ଉଦ୍ଧାର କରିପାରି ନ ଥିଲେ। ସୋମବାର ସେଖ୍ ରାଜୁଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହ ନେଇ ଘରକୁ ଫେରି ଯାଇଛନ୍ତି।

### ରିତାରାଣୀ ପାଇବେ ରାଜ୍ୟସ୍ତରୀୟ ସମ୍ମାନ



**ଖଇରା, ୩।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଧୋବାଗଡିଆ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରିତାରାଣୀ ଦାସ ୨୦୧୭ ଶିକ୍ଷାବର୍ଷ ପାଇଁ ରାଜ୍ୟସ୍ତରୀୟ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏ ସମ୍ପର୍କରେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାଳୟରୁ ଖଇରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଛି। ଆସନ୍ତା ୫ତାରିଖ ଗୁରୁଦିବସ ପାଳନ ଅବସରରେ ଭୁବନେଶ୍ୱରର ଜୟଦେବ ଭବନଠାରେ ଆୟୋଜିତ ହେବାକୁ ଥିବା ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ତାଙ୍କୁ ସମ୍ବର୍ଦ୍ଧନା କରିବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଚିଠି ପହଞ୍ଚିବା ପରେ ଖଇରା ବ୍ଲକର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ରିତାରାଣୀ ବୃତ୍ତିରେ ଜଣେ ଶିକ୍ଷୟିତ୍ରୀହୋଇଥିଲେ ମଧ ଜଣେ ସୁସାହିତ୍ୟକା ଭାବେ ସୁନାମ ଅର୍ଜନ କରିଛନ୍ତି।

### କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ବାହାନଗା,୩।୯୬(ଡି.ଏନ.ଏ.):** ସୋମବାର ବାହାନଗା ବ୍ଲକ ବାସୁଳିପୁର ପେଟ୍ରୋଲ ଟାଙ୍କି ସମ୍ମୁଖରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବାରିକପୁରର କ୍ଷିତିଶ୍ ଦାସ। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କ୍ଷିତିଶ୍ ନିଜ ନୂଆ ବାଇକ୍‌ରେ ତେଲ ପକାଇ ସନ୍ଧ୍ୟାରେ ରାସ୍ତାକୁ ଆସୁଥିଲେ। ଏହି ସମୟରେ ଏକ କାର୍ ତାଙ୍କୁ ଧକ୍କା ଦେଇ ଥିଲା। ଦୁର୍ଘଟଣା ଘଟାଇଥିବା କାର୍‌କୁ ଶେରଗଡ ଫାଣ୍ଡି ପୋଲିସ ଜବତ କରିଛି।





ଫକୀରମୋହନ ମେଡିକାଲ କଲେଜ ଫଳକ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ, ଏମ୍‌ପି ରବୀନ୍ଦ୍ର ଜେନା ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା(ବାମ) ଫଟୋ ସେସନରେ ମେଡିକାଲ କଲେଜ ଛାତ୍ରୀଛାତ୍ର ଗହଣରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

**'ଏପାଖ ସେପାଖ'**

- ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍‌ପିଟାଲର ଲୋକାର୍ପଣ ସମାରୋହ
- ଲୋକଙ୍କୁ ସମ୍ଭାଳିଲା ପ୍ରୋଜେକ୍ଟର
- ସଭାସ୍ଥଳୀରେ ପହଞ୍ଚି ପାରିଲେନି ବହୁ ଜନତା

# ବିଶେଷ ମୁହୂର୍ତ୍ତ, ଯାହାକୁ ଥିଲା ଅପେକ୍ଷା

**ବାଲେଶ୍ୱର ଅଫିସ/ରେମୁଣା,୩।୯(ଡି.ଏନ.ଏ.)**

ବହୁ ପ୍ରତୀକ୍ଷିତ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍‌ପିଟାଲର ଲୋକାର୍ପଣ ଉତ୍ସବ ଆୟୋଜନକୁ ନେଇ ସାରା ଜିଲାରେ ସୋମବାର ବେଶ୍ ଉତ୍ସାହର ବାତାବରଣ ଲାଗି ରହିଥିଲା। ରେମୁଣା ଗୋଲେଇ ଛକଠାରେ ପ୍ରତିଷ୍ଠିତ ମେଡିକାଲ କଲେଜ କ୍ୟାମ୍ପସ ମଧ ସାରାଦିନ ଚଳଚଞ୍ଚଳ ରହିଥିଲା। ଲୋକାର୍ପଣ କାର୍ଯ୍ୟକ୍ରମ ଦେଖିବାକୁ ବିଭିନ୍ନ ପ୍ରାନ୍ତରୁ ବହୁ ଲୋକେ ଛୁଟି ଆସିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୂର୍ବାହ୍ନରେ ହେଲିକପ୍ଟରରେ ଆସି ହେଲିପ୍ୟାଡରେ ଓହ୍ଲାଇ ଏକ ଗାଡିରେ ବସି କଲେଜ ଫାଟକ ନିକଟକୁ ଯାଇଥିଲେ। ଉପସ୍ଥିତ ପୋଲିସ ଓ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ନେଇ ସତର୍କ ହୋଇ ଉଠିଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ ବରପୁତ୍ର, ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବାକୁ ଯାଇ ଉଦ୍‌ଘାଟନ ଫଳକରେ ନାଲି ଫିତାକୁ ଟାଣିବା ବେଳେ ବହୁ ଲୋକ ଫଟୋ ଉଠାଇବାରେ ବ୍ୟସ୍ତ ଥିଲେ। ପ୍ରଶାସନର କଟକଣା ଓ ପର୍ଯ୍ୟାୟ କ୍ରମେ ପୋଲିସର ଯାଞ୍ଚ ବ୍ୟବସ୍ଥା ଲୋକଙ୍କୁ ଅନେକାଂଶରେ ଅତିଷ୍ଠ କରିଥିଲା। ୧୫ ହଜାରରୁ ଅଧିକ ଲୋକ ସଭା ନିକଟକୁ ଯାଇ ନ ପାରି ପ୍ରୋଜେକ୍ଟର ନିକଟରେ ଭିଡ ଜମାଇ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିଙ୍କ ବକ୍ତବ୍ୟ ଶୁଣିଥିଲେ। ପ୍ରୋଜେକ୍ଟର ସମସ୍ତଙ୍କୁ ସମ୍ଭାଳି ରଖିଲା ବୋଲି ଅନେକେ ମତ ଦେଇଥିଲେ।



ଭିଆଇପିଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିଛନ୍ତି ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କୁଳପତି ମଧୁମିତା ଦାସ(ବାମରୁ ଦ୍ୱିତୀୟ)।

### ଭିଡ଼ ଭିତରେ ୮୦ ବର୍ଷର ବୃଦ୍ଧ ଦମ୍ପତି

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀର କୁଣ୍ଡୁଳି ଗ୍ରାମରୁ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିବା ପାଇଁ ଲୋକାର୍ପଣ ସମାରୋହକୁ ଆସିଥିବା ୮୦ ବର୍ଷର ବୃଦ୍ଧ ଦମ୍ପତିଙ୍କୁ ଲୋକଙ୍କ ଭିଡ ମଧ୍ୟରେ ଦେଖିବାକୁ ମିଳିଥିଲା। ସମସ୍ତଙ୍କର ଦୃଷ୍ଟି ଏହି ଦମ୍ପତିଙ୍କ ଉପରେ ଲାଖି ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିବା ଲାଗି ସେମାନେ ଭିଡରେ ଆଗକୁ ବଢିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ଏହି ଦମ୍ପତି ହେଲେ ରାମଶଙ୍କର ମହାନ୍ତି ଏବଂ ତାଙ୍କ ପତ୍ନୀ ମଣି। ସେମାନେ ବହୁତ ଦୂରରୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାର ସୁଯୋଗ ପାଇଥିବା କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ସଭା ଦେଖିବାକୁ ଆସିଥିବା ଦମ୍ପତି ରାମଶଙ୍କର ମହାନ୍ତି ଓ ମଣି।

### ଭାଷଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚାର

ଆୟୋଜିତ ସଭାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ପ୍ରଚାର କରାଯିବା ଭଳି ପ୍ରତୀତ ହୋଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଓ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ନିର୍ମାଣରେ ରାଜ୍ୟ ସରକାରଙ୍କର ଭୂମିକା ଉପରେ ଗୁରୁତ୍ୱ ଆରୋପ କରି ବିଜୁ ସ୍ୱାସ୍ଥ୍ୟ ଯୋଜନା ଓଡିଶା ବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପହାର ବୋଲି ବର୍ଣ୍ଣନା କରିଥିଲେ। ସେହିପରି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍‌ପିଟାଲର ନିର୍ମାଣରେ କେନ୍ଦ୍ର ସରକାରଙ୍କର ଅବଦାନ ଓ ପ୍ରଚେଷ୍ଟା ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଭାରତ ସରକାରଙ୍କର 'ଆୟୁଷ୍ମାନ ଭାରତ' ଯୋଜନା ସମ୍ପର୍କରେ ସୂଚନା ଦେଇ ଓଡିଶାରେ ଏହାକୁ ପ୍ରଚଳନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

### ପ୍ରବଳ ଗୁଳୁଗୁଳି, ମିଳିଲାନି ପିଇବା ପାଣି

ଲୋକାର୍ପଣ ଉତ୍ସବ ଲାଗି ଜିଲାର ବିଧାୟକମାନେ ବହୁ ଲୋକଙ୍କୁ ଆଣିବା ବ୍ୟବସ୍ଥା କରିଥିଲେ। ଅତ୍ୟଧିକ ଭିଡ ଯୋଗୁ ଅନେକ ସଭା ସ୍ଥଳଠାରୁ ପ୍ରାୟ ୧ କିଲୋମିଟର ଦୂରରେ ରହିଥିଲେ। ସେଠାରେ ପିଇବାକୁ ଟୋପାଏ ପାଣି ମିଳି ନ ଥିଲା। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ହେଉଥିବାରୁ ଅନେକ ଦେଖଣାହାରୀ ଶୋଷରେ ଆଉଟୁପାଉଟୁ ହେଉଥିଲେ।

### ବିଧାୟକଙ୍କୁ ଛାଡିଲେନି ଅଙ୍ଗରକ୍ଷୀ

ମୁଖ୍ୟମନ୍ତ୍ରୀ ସମେତ କେନ୍ଦ୍ରମନ୍ତ୍ରୀ ଏବଂ ସମସ୍ତ ଅତିଥି ମଞ୍ଚାସୀନ ହୋଇ ସାରିଥିବା ବେଳେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ବିଳମ୍ବରେ ଆସି ମଞ୍ଚ ନିକଟରେ ପହଞ୍ଚିଥିଲେ। ସେ ତରବର ହୋଇ ମଞ୍ଚକୁ ଯିବା ସକାଶେ ଉଦ୍ୟମ କରୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଙ୍ଗରକ୍ଷକମାନେ ତାଙ୍କୁ ଛାଡି ନ ଥିଲେ। ଫଳରେ ସେ ହତଚକିତ ହୋଇ କିଛି ସମୟ ଅଟକି ରହିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏହା ଜାଣିପାରି ଘଟଣାସ୍ଥଳରେ ପହଞ୍ଚି ବିଧାୟକଙ୍କୁ ମଞ୍ଚକୁ ଆଣିଥିଲେ।

### ମିଳିଲାନି ଉଚିତ ଆସନ

ଲୋକାର୍ପଣ ସଭାରେ ବାଲେଶ୍ୱର ଜିଲାପାଳ ସ୍ୱାଗତ ଭାଷଣ ଦେବା ବେଳେ ବିଭିନ୍ନ ଅତିଥି, ନେତା ଓ ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସଙ୍କୁ ମଧ ସମ୍ବୋଧିତ କରି ତାଙ୍କ ଉପସ୍ଥିତି ଦର୍ଶାଇଥିଲେ। ଉତ୍ସବ ଆରମ୍ଭ ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ସେ ଆସି ପହଞ୍ଚିଥିଲେ ମଧ ଭିଭିଆଇପିଙ୍କ ଗହଣରେ ବସିଥିବାର ଦେଖିବାକୁ ମିଳିଥିଲା। ତାଙ୍କୁ ଉଚିତ୍ ଆସନ ମିଳି ନ ଥିବାରୁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ କର୍ମଚାରୀ ଅସନ୍ତୋଷ ବ୍ୟକ୍ତ କରିବା ଦେଖାଦେଇଥିଲା।



ମେଡିକାଲ ପରିସରରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତି।

# କେନ୍ଦ୍ରମନ୍ତ୍ରୀଙ୍କୁ ନେଇ ବାଇକ୍ ଶୋଭାଯାତ୍ରା

**ବାଲେଶ୍ୱର ଅଫିସ,୩।୯**

- ପ୍ରୋଟୋକଲ ଅନୁଯାୟୀ ମିଳିଲାନି ସମ୍ମାନ-ଭାଜପା
- ପ୍ରଧାନମନ୍ତ୍ରୀଙ୍କୁ ଗୁରୁତ୍ୱ ଦିଆ ନ ଯିବାରୁ କ୍ଷୋଭ

ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ଉଦ୍‌ଘାଟନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଆସି ବାଲେଶ୍ୱରରେ ପହଞ୍ଚିବା ପରେ ଭାଜପା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଭୁବନେଶ୍ୱରରୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ବାଲେଶ୍ୱର ଉପକଣ୍ଠ କୁରୁଡା ଛକଠାରେ ପୂର୍ବାହ୍ନ ସାଢେ ୯ଟା ସୁଦ୍ଧା ପହଞ୍ଚିଥିଲେ। ଏହାପରେ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ତାଙ୍କୁ ନିଆଯାଇ ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ୪ଶହରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିଲା। ରେମୁଣା ଗୋଲେଇ ଦେଇ ଶୋଭାଯାତ୍ରା ମେଡିକାଲ କଲେଜ କ୍ୟାମ୍ପସରେ ପୂର୍ବାହ୍ନ ୧୧ଟା ବେଳକୁ ପହଞ୍ଚିଥିଲା। ଏହାପରେ ୧୧ଟା ୨୫ ବେଳକୁ ଆରମ୍ଭ ହୋଇଥିବା ଲୋକାର୍ପଣ ସମାରୋହରେ କେନ୍ଦ୍ରମନ୍ତ୍ରୀ ଚୌବେ ମଞ୍ଚାସୀନ ହୋଇଥିଲେ।

ଭାଜପା ପକ୍ଷରୁ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬୦ଭାଗ ଅନୁଦାନ ଦେଇ ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ମେଡିକାଲ କଲେଜ ଓ ହସପିଟାଲକୁ ସାକାର କରାଇ ପାରିଛନ୍ତି, ଯାହାକି ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରସରକାର ସିଂହଭାଗ ଅର୍ଥ ଦେଇଥିବା ବେଳେ ରାଜ୍ୟ ସରକାର ପ୍ରଚାର ବିଜ୍ଞପ୍ତିରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ସ୍ଥାନ ଦେଇ ନ ଥିବାରୁ ଦଳ ଏହାକୁ ସମାଲୋଚନା କରିଛି। ଏହା ହୀନ ମାନସିକତାର ପରିଚୟ ବୋଲି ରେମୁଣା ବିଧାୟକ ଗୋବିନ୍ଦ ଦାସ ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷେ ପ୍ରୋଟକଲ ଅନୁଯାୟୀ କେନ୍ଦ୍ରମନ୍ତ୍ରୀଙ୍କୁ ଉଚିତ୍ ସମ୍ମାନ ମିଳିନାହିଁ ବୋଲି ଜିଲା ଭାଜପା ସଭାପତି ମଦନମୋହନ ଦତ୍ତ ଅଭିଯୋଗ କରି ଏହାକୁ ଦୁର୍ଭାଗ୍ୟଜନକ ବୋଲି ବର୍ଣ୍ଣନା କରିଛନ୍ତି।



କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ବାଇକ୍ ଶୋଭାଯାତ୍ରା।




ମେଡିକାଲ କଲେଜ ଆଗରେ ଲାଗିଥିବା ପ୍ରୋଜେକ୍ଟର ସାମ୍ନାରେ ଲୋକଙ୍କ ଗହଳି।

# ଯୁବବାହିନୀ ପକ୍ଷରୁ ପୋଷାକ ବିତରଣ, ବୃକ୍ଷରୋପଣ

**ସିମୁଳିଆ,୩।୯(ଡି.ଏନ.ଏ.)**

ବିଜୁ ଯୁବ ବାହିନୀ ପକ୍ଷରୁ ପୋଷାକ ବିତରଣ ଓ ବୃକ୍ଷରୋପଣ ରବିବାର ସିମୁଳିଆ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ୫୯୪ଜଣ ଯୁବତୀଯୁବକଙ୍କୁ ପୋଷାକ ବଣ୍ଟନ କରିଥିଲେ। ପରେ ବ୍ଲକ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବ୍ଲକ ସଂଯୋଜକ ମନୋରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଅବଝୁଣା ସରପଞ୍ଚ ପ୍ରମିଳା ବଳ, ଯୁବସଭାପତି ଗଦାଧର ଜେନା ଓ ଏମ୍‌ପି ପ୍ରତିନିଧି କ୍ଷୀତିଶ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବୃନ୍ଦାବନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



ବିଭିନ୍ନ କାର୍ଯ୍ୟକ୍ରମ ଅବସରରେ ବିଜୁ ଯୁବବାହିନୀ କର୍ମକର୍ତ୍ତା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୪/୨୦୧୮ | Balasore, Tuesday, September 4/ 2018

## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

**ବାରିପଦା ଅଫିସ,୩।୯:** ବାରିପଦା ସହରର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିବା ଘଟଣା ଲୋକଲୋଚନକୁ ଆସିବା ପରେ ଏ ନେଇ ଚର୍ଚ୍ଚା ଜୋର ଧରିଛି। ହେଲେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏହି ଭିଡିଓ ୫୧ ସେକେଣ୍ଡର ଥିବାବେଳେ ଯୁବତୀଙ୍କ ପୁରୁଷ ବନ୍ଧୁ ଏହା ସୁଟିଂ କରିଥିବାରୁ ତାଙ୍କ ମୁହଁ ଦେଖାଯାଉ ନ ଥିବା ତଦନ୍ତରୁ ଜଣାପଡିଛି। ସୋସିଆଲ ମିଡିଆରେ ଏହା ଘୁରି ବୁଲୁଛି। ଏନେଇ ବାରିପଦା ଟାଉନ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା କହିଛନ୍ତି ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ। ତେବେ ଭିଡିଓ ଭାଇରାଲ କରିବା ଏକ ଅପରାଧ। ଅଭିଯୋଗ ହେଲେ ଯେଉଁମାନେ ଏହି ଭିଡିଓକୁ ଭାଇରାଲ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ କାଯର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ସେ କହିଛନ୍ତି।

### ରେବ ବନ୍ୟାରେ ଚାଷଜମି ଉବୁଟୁବୁ

**ଧାମନଗର,୩।୯ (ଡି.ଏନ.ଏ.):** ଧାମନଗର ବ୍ଲକରେ ପ୍ରବାହିତ ରେବ ନଦୀରେ ସାଳନ୍ଦୀ ଜଳ ପ୍ରବେଶ ସହିତ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପ୍ରାୟ ୧୦ ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ରେବ ନଦୀ ସଂସ୍କାର ଅଧାପନ୍ତରିଆ ଭାବେ ଅଟକି ଥିବାରୁ ନଦୀ ବନ୍ଧରେ ଚାଷଜମିକୁ ଜଳ ଛାଡିବା ପାଇଁ ବିଭିନ୍ନ ସ୍ଥାନରେ ତିଆରି ହେବାକୁ ଥିବା ସ୍ଲୁଇସ ଗେଟ ମୁହଁ ଦେଇ ରେବ ବନ୍ୟା ଜଳ ଚାଷ ଜମିକୁ ମାଡିଯାଉଛି। ଯାହା ଦ୍ୱାରା ରେବ ନଦୀରେ ଦୁଇ ଦିଗରେ ଥିବା ଗଡିଆଳି, ଅସୁରାଳୀ, ଫରେପୁର, କାଶିମପର, କୋଠାର, ଧୂଷୁରୀ, ବମକୁରା ଇତ୍ୟାଦି ପଞ୍ଚାୟତରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଥିବାରୁ ଧାନ ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଗଡିଆଳି ପଞ୍ଚାୟତ ସୁବାନପୁର ପ୍ରାଥମିକ ବିଦ୍ୟାଳୟରେ ପାଣି ପଶି ଯାଇଥିବାବେଳେ ତଳିଆ ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ବନ୍ୟା ପାଣି ପଶିବା ସହିତ ପତ୍ରୀସାହି ନିକଟରେ ଘୋଷରା ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସମୁଦ୍ର ଜୁଆରିଆ ଥିବାରୁ ବନ୍ୟାଜଳ ଟାଣୁ ନ ଥିବା ଏବଂ ଚାଷ ଜମିକୁ ବେଶିଦିନ ବୁଡାଇ ରଖିଲେ ଧାନ ଚାଷ ବ୍ୟାପକ କ୍ଷତି ହେବା ନେଇ ଚାଷୀମାନେ ହତାଶ ହୋଇଛନ୍ତି।

### ବଡ଼ଭାଇର ଜୀବନ ନେଲା ସାନ ଭାଇ

**ପାଟଣା,୩।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପଟଣା ଥାନା ଗାଲଫୁଲା ଗ୍ରାମର ସାନଭାଇ ମାଡ଼ରେ ବଡ ଭାଇଙ୍କ ସୋମବାର ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ନିଳାମ୍ବର କମାର। ସାନଭାଇ ନରହରିଙ୍କ ସହ ମୃତ ନିଳାମ୍ବରଙ୍କ ମଧରେ କଳହ ହୋଇଥିଲା। ସୂଚନା ଅନୁଯାୟୀ ଦୁଇଭାଇଙ୍କ ଦୁଇଟି ଗାଁରେ କମାର ଶାଳ ରହିଛି। ବଡଭାଇ ନିଳାମ୍ବରଙ୍କ କମାର ଶାଳରେ ଭଲ ଗ୍ରାହକ ହେଉଥିବାରୁ ସାନଭାଇ ସୋମବାର ଉତକ୍ଷିପ୍ତ ହୋଇ ପ୍ରଥମେ ନିଳାମ୍ବରଙ୍କ ମୁଣ୍ଡକୁ ମୁଥ ମାରିବା ପରେ ଶଣ୍ଡୁଆଶିରେ ମୁଣ୍ଡକୁ ପ୍ରହାର କରିଥିଲେ। ଏଥିରେ ନିଳାମ୍ବର ଗୁରୁତର ହେବାରୁ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା (ନଂ. ୧୨୧/ ୧୮) ରୁଜୁ କରି ନରହରିଙ୍କୁ ଥାନାରେ ଅଟକ ରଖିବା ସହ ତଦନ୍ତ ଜାରୀ ରଖିଛି।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବସ୍ତା,୩।୯(ସ୍ୱ.ପ୍ର.):** ବସ୍ତା ବ୍ଲକ ଅମର୍ଦ୍ଦାରୋଡ ରେଳଷ୍ଟେଶନ ବିଶ୍ରାମଗାରରୁ ରେଳବାଇ ପୋଲିସ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ବୟସ ୬୦ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏନେଇ ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବ୍ୟାପୁଛି ଡେଙ୍ଗୁ, ବଢୁଛି ଭୟ

ଭଦ୍ରକ ଅଫିସ,୩।୯

ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ବିଗତ କିଛି ବର୍ଷ ଧରି ବର୍ଷାଦିନେ ଡେଙ୍ଗୁ ପ୍ରକୋପ ଲାଗି ରହୁଛି। ଚଳିତବର୍ଷ ଭଦ୍ରକ ବ୍ଲକରେ ଅନୁରୂପ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଦୈସିଂ ପଞ୍ଚାୟତ ଅଞ୍ଚଳରେ ଡେଙ୍ଗୁଜ୍ୱରରେ ପୀଡିତ ଥିବା ପ୍ରାୟ ୩୦ ଜଣ ରୋଗୀ ଚିହ୍ନଟ ହେଲେଣି। ସୋମବାର ଡେଙ୍ଗୁ ୱାର୍ଡରେ ୧୨ଜଣ ଚିକିତ୍ସାଧୀନ ଥିବାବେଳେ ୬ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏମାନଙ୍କ ମଧ୍ୟରୁ ୧୨ଜଣ ହେଉଛନ୍ତି ଦୈଶିଂ ପଞ୍ଚାୟତର କୁସୁନନଗର ଅଞ୍ଚଳର। ଏମାନଙ୍କ ମଧ୍ୟରୁ ୧୦ ଜଣ ରୋଗୀ ସୋମବାର ସୁଦ୍ଧା ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମେଡିକାଲ ବାହାରୁ ଔଷଧ କିଣିବା ଲାଗି ଡାକ୍ତରମାନେ ରୋଗୀଙ୍କୁ ଔଷଧ ଚିଠା ଦେଉଥିବାରୁ ଗରିବ ଲୋକେ ଚଢା ଦରରେ ଔଷଧ କିଣି ନ ପାରି ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରୋଗ ନିରାକରଣ ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଭଳି ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଉଠାଇ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ସ୍ୱାସ୍ଥ୍ୟ ବିଭାଗର ଅବହେଳା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦୈସିଂ ପଞ୍ଚାୟତ ଅଞ୍ଚଳରେ ତୁରନ୍ତ ପ୍ରତିଷେଧକମୂଳକ ପଦକ୍ଷେପ ନେବା ସକାଶେ ସେମାନେ ଦାବି କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ଦୈସିଂ ପଞ୍ଚାୟତ ଓ ଆଖପାଖ ଅଞ୍ଚଳରେ ଡେଙ୍ଗୁ ଜ୍ୱରକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଛି। ଏ ପର୍ଯ୍ୟନ୍ତ ଡାକ୍ତରୀ ଦଳ ଏହି ଅଞ୍ଚଳକୁ ଯାଇ ନାହାନ୍ତି। ଡେଙ୍ଗୁ ଭୟ ଯୋଗୁ ଅନେକ ଲୋକ ସେମାନଙ୍କ ପିଲାଙ୍କୁ ସମ୍ପର୍କୀୟଙ୍କ ଗାଁରେ ଛାଡିସାରିଲେଣି। ତୁରନ୍ତ ଏହି ଅଞ୍ଚଳକୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଇ ଆବଶ୍ୟକ ପଦକ୍ଷେପ ନେବା ସକାଶେ ଅଞ୍ଚଳବାସୀ ମଧ ଦାବି କରିଛନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଭାଜପାର ଦେବରକୁଣ୍ଡ ମଣ୍ଡଳ ସଭାପତି ପ୍ରଭାକର ସାମଲ, ବିଦ୍ୟାଧର ସାହୁ, ରମାକାନ୍ତ ନାୟକ, ପ୍ରାଣକୃଷ୍ଣ ପଣ୍ଡା, ବରୁଣ କୁମାର ସ୍ୱାଇଁ, ଗୋପାଳ ପ୍ରସାଦ ଜେନା, କରୁଣାକର ଜେନା, ଗଣେଶ ପାଢୀ ପ୍ରମୁଖ ଉପସ୍ଥିତ ରହି ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସିଡିଏମଓ ଡା. ମହମ୍ମଦ ଅବଦୁଲ ରଶିଦ୍ ମଙ୍ଗଳବାର ଗାଁକୁ ସ୍ୱତନ୍ତ୍ର ଟିମ୍ ପଠାଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।



ଅଭିଯୋଗ ହେବା ପରେ ସିଡିଏମ୍‌ଓ, ଏଡିଏମ୍‌ଓ ଡେଙ୍ଗୁ ୱାର୍ଡ ପରିଦର୍ଶନ କରିଛନ୍ତି।

- ନିରାକରଣ ପାଇଁ ଜିଲାପାଳଙ୍କୁ ଭେଟିଲେ ପ୍ରତିନିଧି ଦଳ
- ଜିଲା ସ୍ୱାସ୍ଥ୍ୟ ବିଭାଗର ନୀରବତା ନେଇ ଉଦ୍‌ବେଗ
- ଦୈସିଂ ପଞ୍ଚାୟତ ଅଞ୍ଚଳରେ ୩୦ ରୋଗୀ ଚିହ୍ନଟ

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ସୋର, ୩।୯(ଡି.ଏନ.ଏ.)

ସୋର ମ୍ୟୁନିସିପାଲଟି ଅନ୍ତର୍ଗତ ବଡ଼ଖୁରୀ ଗ୍ରାମର ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ୬ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ତାଙ୍କର ୪ ବର୍ଷର ଝିଅଟିଏ ଅଛି। ଗତ କିଛିଦିନ ହେଲା ନିଶାସକ୍ତ ଅବସ୍ଥାରେ ଅଧିକାଂଶ ସମୟରେ ମାଡ଼ମାରିବା ସହିତ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଗତ ୧ ତାରିଖ ଦିନ ନିସ୍ଥୁକ ଭାବେ ମାଡ଼ମାରିବା ଫଳରେ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ପରେ ଏ ସମ୍ବନ୍ଧରେ ଅଭିଯୋଗ କରିବା ପରେ ସୋର ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଜମାରାଶି ଫେରସ୍ତ ଦାବିରେ ବିକ୍ଷୋଭ

ବାରିପଦା ଅଫିସ,୩।୯

ବାରିପଦା ଅର୍ବାନ ବ୍ୟାଙ୍କରେ ଜମାକାରୀମାନେ ରଖିଥିବା ସେମାନଙ୍କ ଜମାରାଶି ଫେରସ୍ତ ଦାବିରେ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ଜାରି ରଖିଛନ୍ତି। ଏନେଇ ଜମାକାରୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହିତ ବିକ୍ଷୋଭ କରିଛନ୍ତି। ଜମାକାରୀମାନେ ପୂର୍ବାହ୍ନରେ ବ୍ୟାଙ୍କ ଖୋଲିବା ପରେ ବ୍ୟାଙ୍କ ସମ୍ମୁଖରେ ଗଣଧାରଣାରେ ବସି ଜମା ରାଶି ଫେରସ୍ତ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟା ପରେ ଏକ ଶୋଭାଯାତ୍ରାରେ ଜମାକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ଏହି ସମୟରେ ଜମାକାରୀମାନେ ଅର୍ବାନ ବ୍ୟାଙ୍କର ପରିଚାଳନା କମିଟି, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅର୍ବାନ ବ୍ୟାଙ୍କ ଡିପୋଜିଟର ଆସୋସିଏଶନର ସଭାପତି ଭାଗବତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ତ୍ରିଲୋଚନ ସାହୁ, ହରେକୃଷ୍ଣ କର, ରଘୁନାଥ ବେହେରା,ଦୀପକ କୁମାର, ଅଚ୍ୟୁତ ପ୍ରସାଦ ମହାପାତ୍ର, ଗଣେଶ ଚନ୍ଦ୍ର ଦାସ ପ୍ରମୁଖ ଶତାଧିକ ଜମାକାରୀ ଉପସ୍ଥିତ ରହିଥିଲେ। ଜମାକାରୀଙ୍କ ବିକ୍ଷୋଭକୁ ସୋମବାର ଭାଜପା ଓ ଜିଲା ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମର୍ଥନ କରାଯାଇଛି।



ଜମାକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

■ କୁଡୁମୀ ସେନାର ଦିଲ୍ଲୀ ଚାଲ ଅଭିଯାନ

## ୬ରେ ଯନ୍ତରମନ୍ତରଠାରେ କଳାଦିବସ

ବାରିପଦା ଅଫିସ,୩।୯

କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ବର୍ଗରୁ ବାଦ ଦିଆଯାଇଥିବାରୁ ଏହାକୁ ପ୍ରତିବାଦ କରି ଆସନ୍ତା ୬ ତାରିଖରେ କୁଡୁମୀ ସେନା ପକ୍ଷରୁ ଦିଲ୍ଲୀସ୍ଥିତ ଯନ୍ତର ମନ୍ତରଠାରେ କଳାଦିବସ ପାଳନ କରାଯିବ। ଏଥି ସକାଶେ ସୋମବାର ମୟୂରଭଞ୍ଜ ଜିଲା କୁଡୁମୀ ସେନା ପକ୍ଷରୁ ବାରିପଦା ସ୍ଥିତ ଷ୍ଟାଡିୟମ ପରିସରରୁ ବସ୍ ଯୋଗେ ଶହଶହ ସଂଖ୍ୟାରେ କୁଡୁମୀ ସେନା ଦିଲ୍ଲୀ ଯାତ୍ରା କରିଛନ୍ତି। କୁଡୁମୀ ସେନାର ରାଜ୍ୟ ସଭାପତି ଜୈମୁନୀ ମହାନ୍ତଙ୍କ କହିବା ଅନୁସାରେ, ପୂର୍ବରୁ କୁଡୁମୀ ସେନାକୁ ଆଦିବାସୀ ମାନ୍ୟତା ପ୍ରଦାନ କରାଯାଇଥିଲା। ହେଲେ ୧୯୫୦ ସେପ୍ଟେମ୍ବର ୬ତାରିଖରେ ସେମାନଙ୍କୁ ଉକ୍ତ ବର୍ଗରୁ ବାହାର କରିଦିଆଯାଇଛି। ଏହାର ପ୍ରତିବାଦରେ ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ସୋମବାର କୁଡୁମୀ ସେନା, କୁଡୁମୀ ମହିଳା ସେନା, କୁଡୁମୀ ଛାତ୍ର ସେନା, କୁଡୁମୀ ଯୁବ ସେନା କର୍ମୀ ଶହ ଶହ ସଂଖ୍ୟାରେ ବସ୍ ଯୋଗେ ଦିଲ୍ଲୀ ଯାତ୍ରା ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଡୁମୀ ସେନା ରାଜ୍ୟ ଉପସଭାପତି ଦିବ୍ୟ ସିଂ ମହାନ୍ତ, ଜିଲା ସଭାପତି ଦୁର୍ଗାଚରଣ ମହାନ୍ତ, ଜିଲା ମହିଳା ସଭାପତି ସବିତା ମହାନ୍ତ ଉପସ୍ଥିତ ଥିଲେ।




କୁଡୁମୀ ସେନା ପକ୍ଷରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ ହେଉଛି।

## ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ପଦ୍ମପୁର,୩।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନାର ବଳରାମପୁର ଅଞ୍ଚଳର ବୃନ୍ଦାବନ ମଳିକ ତାଙ୍କ ସ୍ତ୍ରୀଙ୍କୁ ଜମିବାଡି ବିବାଦ ନେଇ ମାଡ ମାରିଥିଲେ। ଏନେଇ ତାଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କର ଏତଲାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୧୦/୧୮) ରୁଜୁ କରି ସୋମବାର ସନ୍ଧ୍ୟାରେ ସ୍ୱାମୀ ବୃନ୍ଦାବନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ସୁଦର୍ଶନ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

## ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ସିମୁଳିଆ, ୩।୯(ଡି.ଏନ.ଏ.)

ସୋମବାର ମଧ୍ୟାହ୍ନରେ ଖଇରା ବ୍ଲକ ମାର୍କୋଣା-ଗଣ୍ଡିବେଡ ରାସ୍ତାରେ ମୋଟର ସାଇକେଲ ଧକ୍କାରେ ସାବିତ୍ରୀ ପଣ୍ଡ(୪୦) ନାମକ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ଔପଦା ବ୍ଲକ ଅଧୀନ ଦିଗିତେନ୍ତୁଳି ଅଞ୍ଚଳରେ। ସାବିତ୍ରୀ ନିଜ ପୁଅ ବେଣୁଧରଙ୍କ ସହିତ ତାଙ୍କ ବାପଘର ରାଇକୁଳା ଅଞ୍ଚଳକୁ ଆସୁଥିବା ବେଳେ ପଛପଟୁ ଅନ୍ୟ ଏକ ମୋଟର ସାଇକେଲ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଏଥିରେ ତାଙ୍କ ମୁଣ୍ଡର ପଛପାର୍ଶ୍ୱରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ବସ୍ତା,୩।୯(ସ୍ୱ.ପ୍ର.)

ବସ୍ତା ଥାନା ଅଧୀନ ଛଚିନା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଗ୍ରାମର ଭାଗିରଥୀ ବେହେରାଙ୍କ ସ୍ତ୍ରୀ ଅର୍ଚ୍ଚନା ବେହେରା (୪୦)। ରବିବାର ଅର୍ଚ୍ଚନା ବିଲକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ସୋମବାର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ରଞ୍ଜୁଲତା, ଅନିଲଙ୍କୁ 'ପ୍ରକୃତିବନ୍ଧୁ' ପୁରସ୍କାର

ତିହିଡ଼ି/ଚାନ୍ଦବାଲି, ୩।୯(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଓ ଚାନ୍ଦବାଲି ବ୍ଲକରେ ଯଥାକ୍ରମେ ରଞ୍ଜୁଲତା ଗାହାଣ ଏବଂ ଅନିଲ ମିଶ୍ରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ଦିଆଯାଇଛି। ଭଦ୍ରକସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ଜ୍ଞାନରଞ୍ଜନ ଦାଶ ତିହିଡି ବ୍ଲକ ସିନ୍ଦୋଳ ପଞ୍ଚାୟତ ଇନ୍ଦିରିଆ ଗ୍ରାମର ରଞ୍ଜୁଲତାଙ୍କୁ ମାନପତ୍ର ଓ ପ୍ରୋତ୍ସାହନ ରାଶି ସହ 'ପ୍ରକୃତିବନ୍ଧୁ' ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ସ୍ୱାଧୀନତା ସଂଗ୍ରାମୀ ସଂଘର ସମ୍ପାଦକ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରଞ୍ଜୁଲତା ପରିବେଶ ସୁରକ୍ଷା, ଚାରାରୋପଣ, ମହିଳା ଓ ଶିଶୁଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନେଇ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟ କରିଆସୁଛନ୍ତି। ଏହି ଉତ୍ସବରେ ମଧ ଚାନ୍ଦବାଲି ବ୍ଲକ ଶାରଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନିଲ ମିଶ୍ରଙ୍କୁ 'ପ୍ରକୃତିବନ୍ଧୁ' ସମ୍ମାନ ଦିଆଯାଇଥିଲା। ଅନିଲ ଭଦ୍ରକ ଜିଲା ଇକୋ କ୍ଲବର ମାଷ୍ଟର ଟ୍ରେନର ଭାବେ ମଧ କାର୍ଯ୍ୟ କରୁଛନ୍ତି।

## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ ଅଫିସ,୩।୯

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ତଥା ଜିଲା ଚିକିତ୍ସାଳୟକୁ ଉନ୍ନତିକରଣ କରିବା ପାଇଁ ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଭାଜପା ଭଦ୍ରକ ବିଧାନସଭା ମଣ୍ଡଳୀ ନେତା ଡା. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଜିଲା ସଭାପତି ବଦ୍ରି ନାରାୟଣ ଧଳଙ୍କୁ ନେଇ ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭଦ୍ରକ ଏକ ହୋଟେଲ ପରିସରରେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ୫ଟି ଜିଲାର ଅଧିବାସୀ ନିର୍ଭର କରୁଥିବା ବେଳେ ଜିଲା ଚିକିତ୍ସାଳୟର ଭିତ୍ତିଭୂମି କେବଳ ଫଳକରେ ସୀମିତ ରହିଛି। ରୋଗୀଙ୍କ ତୁଳନାରେ ବେଡ ସଂଖ୍ୟା କମ୍, ଡାକ୍ତର ଓ କର୍ମଚାରୀ ସଂଖ୍ୟା ସୀମିତ, ଜିଲା ଚିକିତ୍ସାଳୟ ଘୋଷଣା କରାଯାଇଛି ସତ କିନ୍ତୁ ଆବଶ୍ୟକ ଭିତ୍ତିଭୂମି ନାହିଁ। ସର୍ବୋପରି ରାଜ୍ୟ ସରକାରଙ୍କ ଉଦାସୀନତା କାରଣରୁ ଜିଲା ଚିକିତ୍ସାଳୟ ଅବହେଳିତ ହୋଇପଡିରହିଛି। ଅତ୍ୟାବଶ୍ୟକ ପରୀକ୍ଷା କୁହାଯାଉଥିବା ଅଲ୍ଟ୍ରାସାଉଣ୍ଡ ମେସିନ ଅଚଳ, ସିଟି ସ୍କାନ, ଏମଆରଆଇ, ଆଇସିୟୁ ବ୍ୟବସ୍ଥା, ଏଣ୍ଡସ୍କୋପି ବ୍ୟବସ୍ଥା ନଥିବା କାରଣରୁ ଦୈନିକ ୨୦ରୁ ଉର୍ଦ୍ଧ୍ୱ ରୋଗୀ କଟକ ସ୍ଥାନାନ୍ତର ହେଉଥିବା ମନ୍ତ୍ରୀଙ୍କୁ ଏହି ପ୍ରତିନିଧି ଦଳ ସୂଚିତ କରାଇଥିଲେ। ଅନ୍ୟ ପଡୋଶୀ ଜିଲା ମାନଙ୍କରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ ଏହି ଜିଲାକୁ ଅଣଦେଖା କରାଯିବା ଦୁର୍ଭାଗ୍ୟ ଜନକ ବୋଲି ଡା. ପ୍ରଦୀପ ନାୟକ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଜିଲା ପ୍ରଶାସନ ଆବଶ୍ୟକ ଜମି ଯୋଗାଇଲେ କେନ୍ଦ୍ର ସରକାର ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ସାହୁ, ଅମ୍ବିକା ଦାସ, ପ୍ରଭାକର ସାମଲ, ଆଦିକାନ୍ତ ନାୟକ, ନାରଣ ସେନାପତି, ଅମ୍ରେଶ ନାୟକ, ପ୍ରମୋଦ ସାମଲ, ପ୍ରାଣକୃଷ୍ଣ ପଣ୍ଡା ପ୍ରମୁଖ ସ୍ମାରକ ପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଉଛି।

## ୭ ନିଖୋଜ ଶିଶୁ ଉଦ୍ଧାର

ତିହିଡ଼ି, ୩।୯(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରୁ ୭ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ପରି-୨ କାର୍ଯ୍ୟକ୍ରମରେ ଜିଲା ପୋଲିସ, ମହିଳା ଶିଶୁ ବିଭାଗ ଏବଂ ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ ଏହି ଉଦ୍ଧାର କାର୍ଯ୍ୟ କରାଯାଇଛି। ବ୍ଲକର ଦୋଳସାହି, ତିହିଡ଼ି, ଇତ୍ୟାଦି ବଜାରରେ ଥିବା ଗ୍ୟାରେଜ, ହୋଟେଲ, ଚିଙ୍ଗୁଡ଼ି ଫାର୍ମ ଇତ୍ୟାଦିରେ ନିୟୋଜିତ ଶିଶୁ ମାନଙ୍କୁ ଉଦ୍ଧାର କରାଯାଇଥିଲା। ଏସପି ରାଜେଶ ପଣ୍ଡିତଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ପ୍ରଫୁଲ୍ଲ ସିଂ, ଶିଶୁ ସୁରକ୍ଷା ୟୁନିଟର ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସ, ଗ୍ରାମାଞ୍ଚଳ ଲେବର ଇନ୍ସପେକ୍ଟର ରତ୍ନାକର ମଲ୍ଲିକଙ୍କ ନେତୃତ୍ୱରେ ଏହି ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ଶିଶୁମଙ୍ଗଳ କମିଟିରେ ହାଜର କରାଯାଇ ଆଶିଆନା ମୁଖ୍ୟ ରହଣି ସ୍ଥଳରେ ରଖାଯାଇଛି। ତେବେ ଏହି ଉଦ୍ଧାର କାର୍ଯ୍ୟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସୂଚନା ଦିଆଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରାଷ୍ଟ୍ରୀୟ ହିନ୍ଦୀମାସ ଉଦ୍‌ଘାଟିତ

**କେନ୍ଦୁଝର ୩।୯(ସ୍ୱ.ପ୍ର.):** ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର କେନ୍ଦୁଝରଗଡଠାରେ ହିନ୍ଦୀମାସ ଉଦ୍‌ଘାଟନ ହୋଇଯାଇଛି। ବ୍ୟାଙ୍କ ଅଫ ଇଣ୍ଡିଆର ରାଜଭାଷା ଅଧିକାରୀ ସଞ୍ଜୀବ କୁମାର ପ୍ରସାଦ ଓ ବ୍ୟାଙ୍କ କର୍ମଚାରୀ ରିତେଶ କୁମାର ମହାନ୍ତ ଯୋଗ ଦେଇ ଆମର ରାଷ୍ଟ୍ରଭାଷା ହିନ୍ଦୀକୁ କିପରି ବହୁଳ ଭାବରେ ବ୍ୟବହାର କରାଯିବ ଓ ଏହାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ହିନ୍ଦୀମାସ ପାଳନ ଅବସରରେ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ହିନ୍ଦୀ ପଦ୍ୟ ଆବୃତ୍ତି, ଗୀତ, ବକ୍ତୃତା, ପ୍ରବନ୍ଧ ପ୍ରଭୃତି ପ୍ରତିଯୋଗିତା ଆୟୋଜନ କରାଯିବ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ଦେଇଥିଲାବେଳେ ବିଦ୍ୟାଳୟର ଆଚାର୍ଯ୍ୟ ଅକ୍ଷୟ କୁମାର ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ହିନ୍ଦୀ ଆଚାର୍ଯ୍ୟା ପୂର୍ଣ୍ଣିମା ମହାରଣା, ସ୍ନେହଲତା ସାହୁ ଓ ବିନୟ କୁମାର ମହାନ୍ତ ଏଥିରେ ସହଯୋଗ କରିଥିଲେ।

### ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ

**କେନ୍ଦୁଝର, ୩।୯(ସ୍ୱ.ପ୍ର.):** ଇସ୍କନ କେନ୍ଦୁଝର ପକ୍ଷରୁ ଦୁଇ ଦିନିଆ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ କେନ୍ଦୁଝର ପୌରପାଳିକା କଲ୍ୟାଣ ମଣ୍ଡପଠାରେ ଆରମ୍ଭ ହୋଇଯାଇଛି। ଏକ ଶୋଭାଯାତ୍ରାରେ ଇସ୍କନ ଭକ୍ତମାନେ ସହର ପରିକ୍ରମା କରିଥିଲେ। ଏଥିପାଇଁ ସଂସ୍ଥା ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଯୋଗଦେବା ପାଇଁ ବହୁ ଭକ୍ତଙ୍କ ଭିଡ ଜମୁଛି।

### ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା



**ବଡବିଲ, ୩।୯(ସ୍ୱ.ପ୍ର.):** ବଡ଼ବିଲ ପୌରାଞ୍ଚଳ ମାଟକାମବେଡାସ୍ଥିତ କଳିଙ୍ଗନଗର ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସୋମବାର ବାହାରି ବିଭିନ୍ନ ବସ୍ତି ଓ ହଟିଂ ପରିକ୍ରମା କରିଛି। ସେପ୍ଟେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ ଆରମ୍ଭ ହୋଇଥିବା ଜଣାପଡିଛି। ସ୍କୁଲ ଛାତ୍ରୀଛାତ୍ର ସୁସ୍ଥ ଜୀବନ, ନିରାପଦ ଶୌଚ ବ୍ୟବସ୍ଥା, ସ୍ୱଚ୍ଛତା, ପରିବେଶ ପରିଚ୍ଛନ୍ନତା ଇତ୍ୟାଦିର ସ୍ଲୋଗାନମାନ ଦେଇ କଳିଙ୍ଗନଗର ବସ୍ତି, ଉତ୍ତମ ସିଂହ ହଟିଂ ଓ ଦାମୁ ହଟିଂ ଦେଇ ସ୍କୁଲକୁ ଫେରିଆସିଥିଲେ। ଶୋଭାଯାତ୍ରା ପରେ ଛାତ୍ରୀ ଲୋପାମୁଦ୍ରା ମହାନ୍ତ ଓ ସୁଜାତା ମହାକୁଡ ସୁସ୍ଥ ସମାଜ ଓ ସ୍ୱଚ୍ଛ ଭାରତ ସମ୍ବନ୍ଧୀୟ ଏକ ଗୀତ ଗାଇଥିଲେ।

### କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦୁଝର, ୩।୯(ସ୍ୱ.ପ୍ର.):** ଜିଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ଜୟନାରାୟଣ ପଙ୍କଜଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୯୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୮ ଅଭିଯୋଗ ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୩୨ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୫୮ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ସନ୍ତୋଷ ଯୋଶୀ, ଅତିରିକ୍ତ ଜିଲାପାଳ ଡକ୍ଟର ଭକ୍ତଚରଣ ପ୍ରଧାନ, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ଶିବବ୍ରତ ତ୍ରିପାଠୀଙ୍କ ସମେତ ଜିଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲାପାଳ ଠାକରେ ୬ ରୋଗୀଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪୫ ହଜାର ଟଙ୍କା ମଞ୍ଜୁର କରିଥିବାବେଳେ ଅନ୍ୟ ୪ଜଣ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ମଞ୍ଜୁର କରିଥିଲେ।

# ଠିକ୍ ସମୟରେ ମିଳିଲାନି ଚିକିତ୍ସା

**ପାଟଣା, ୩।୯(ସ୍ୱ.ପ୍ର.)**



ତପସ୍ୱିନୀଙ୍କୁ ହାତରେ ଟେକି ନିଆଯାଉଛି।

**ରାସ୍ତା ଦୁର୍ଗମ**
- ପହଞ୍ଚି ପାରିଲାନି ଆମ୍ବୁଲାନ୍ସ
- ମୃତ ପୁତ୍ରସନ୍ତାନ ଜନ୍ମ ଦେଲେ ପ୍ରସୂତି

ରାସ୍ତା ଦୁର୍ଗମରୁ ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଜଣେ ପ୍ରସୂତିଙ୍କୁ କେତେକ ମହିଳା ମିଶି ହାତରେ ଧରି ୨ କି.ମି ରାସ୍ତା ପାରକରି ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ପ୍ରସୂତିଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଠିକ୍ ସମୟରେ ଚିକିତ୍ସା ସୁବିଧା ନ ମିଳିବାରୁ ପ୍ରସୂତି ଜଣଙ୍କ ଏକ ମୃତ ପୁତ୍ରସନ୍ତାନ ଜନ୍ମ ଦେଇଥିବା ଅଭିଯୋଗ ହୋଇଛି। ସୁରକ୍ଷିତ ମାତୃତ୍ୱ ଓ ନିରାପଦ ପ୍ରସବ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଅର୍ଥ ବେୟ ବରାଦ ହେଉଛି। ତଥାପି କେନ୍ଦୁଝର ଜିଲା ପାଟଣା ବ୍ଲକରେ ସବୁ ଯୋଜନା ବିଫଳ ହେଉଛି। ପାଟଣା ବ୍ଲକରେ ଗମନାଗମନ ଅସୁବିଧା, ଠିକ ସମୟରେ ଆମ୍ବୁଲାନ୍ସ ନ ପହଞ୍ଚିବା ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ ପ୍ରସୂତି ଖୋଲା ଆକାଶ ତଳେ, ଅଟୋ ଅବା ଆମ୍ବୁଲାନ୍ସ ଭିତରେ ଅସହାୟ ଅସୁରକ୍ଷିତ ଭାବେ ପ୍ରସବ ହେଉଥିବା ଅଭିଯୋଗ ହୋଇଛି। ଅହେତୁକ ବିଳମ୍ବରେ ଡାକ୍ତରଖାନାରେ ପହଞ୍ଚାଇବା ଯୋଗୁଁ ପ୍ରସୂତି ଜଣଙ୍କ ମୃତ ପିଲା ଜନ୍ମ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତ କଟାବେଡା ଚତିରି ସାହିରେ ସୋମବାର ପୂର୍ବାହ୍ନରେ ବାପ ଘରେ ରହୁଥିବା ଜଣେ ୨୨ ବର୍ଷୀୟା ବିବାହିତା ମହିଳାଙ୍କୁ ଦୁର୍ଗମ ରାସ୍ତା ଦେଇ ଡାକ୍ତରଖାନା ନିଆଯାଇଥିଲା। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମହିଳା ଜଣଙ୍କ ଏକ ମୃତ ପୁତ୍ର ସନ୍ତାନ ପ୍ରସବ କରିଛନ୍ତି। ମହିଳା ଜଣକ ହେଉଛନ୍ତି ପାଟଣା ଥାନା ଘୁଣ୍ଟି ବେଡା ଗ୍ରାମ ଡାକ ମୁଣ୍ଡାଙ୍କ ସ୍ତ୍ରୀ ତପସ୍ୱିନୀ। ତପସ୍ୱିନୀଙ୍କ ଗର୍ଭ ବେଦନା ହେବାରୁ ୧୦୨ ଆମ୍ବୁଲାନ୍ସକୁ ଡକାଯାଇଥିଲା। ମାତ୍ର ଖାଲଖମା ରାସ୍ତାରେ ଆମ୍ବୁଲାନ୍ସ ଘରଠାରୁ ୨ କି.ମି. ଦୂରରେ ରହିଥିଲା। ତପସ୍ୱିନୀ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ବାଧ୍ୟ ହୋଇ ତାଙ୍କ ସ୍ୱାମୀ ଡାକ ଅଙ୍ଗନବାଡି କାର୍ମୀ ଓ ସ୍ଥାନୀୟ ମହିଳାଙ୍କ ସହାୟତାରେ ତପସ୍ୱିନୀଙ୍କୁ ହାତରେ ବୋହି ଜଙ୍ଗଲ ରାସ୍ତା ଅତିକ୍ରମ କରି ଆମ୍ବୁଲାନ୍ସ ନିକଟକୁ ଆଣାଯାଇଥିଲା। ପରେ ତପସ୍ୱିନୀଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ ପୁତ୍ର ସନ୍ତାନ ଜନ୍ମ ଦେଇଥିଲା।

# କୁନିଙ୍କ ଚିକିତ୍ସାରେ ଅର୍ଥ ବାଧକ

**ରାଇସୁଆଁ, ୩।୯(ଡି.ଏନ.ଏ.)**



ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ।

- ଅସହାୟ ପରିବାରକୁ ମିଳୁନି ସହାୟତା
- ରାଶନ କାର୍ଡ, ବିଧବା ଭତ୍ତା ସ୍ୱପ୍ନ

ସରକାର ପ୍ରସୂତି ମହିଳା, ନବଜାତ ଶିଶୁଙ୍କ ଶାରୀରିକ ବିକାଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବହୁ ଯୋଜନା କାର୍ଯ୍ୟକାରି କରିଛନ୍ତି। ଏଥିପାଇଁ ବହୁ ଟଙ୍କା ଖର୍ଚ୍ଚ ହେଉଛି। କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଉକ୍ତ ଯୋଜନା ବାଟବଣା ହେବାରେ ଲାଗିଛି। ସଦର ଅଞ୍ଚଳରେ ଏବେ ବି ବହୁ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। ସଦର ବ୍ଲକ ପଳାଶପଙ୍ଗା ଗ୍ରାମର ଶାମା ମୁଣ୍ଡା ଏବଂ ଶିବାନୀଙ୍କ ୧୪ ମାସ ଝିଅ ରୀନା ଅପପୁଷ୍ଟିର ଶିକାର ହୋଇଥିଲେ। ଏବେ ସେ ଯକ୍ଷ୍ମା ରୋଗରେ ପୀଡିତ ହୋଇଛନ୍ତି। ରୀନାଙ୍କ ଓଜନ ୪ କି.ଗ୍ରା ରହିଛି। ରୀନାଙ୍କ ବାପା ଶାମା ୨୬ ବର୍ଷରେ ଯକ୍ଷ୍ମା ରୋଗରେ ପୀଡିତ ଥିଲେ। ଗତ ବର୍ଷ ଫେବ୍ରୁଆରୀରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମାଆ ଶିବାନୀ ଜଣେ ଗରିବ ଆଦିବାସୀ ମହିଳା। ତାଙ୍କୁ ରାଶନ କାର୍ଡ, ବିଧବା ଭତ୍ତା ସହ ହରିଶ୍ଚନ୍ଦ୍ର ଯୋଜନାର ଶବଦାହ ଅର୍ଥ ମିଳିନି।

ପର ଘରେ କାମ କଲେ ପରିବାର ଚଳେ। ଶିଶୁଟି ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଛି। ତାର ଚିକିତ୍ସା ଲାଗି ଅର୍ଥ ଅଭାବ ରହିଛି। ସକାଳେ ଖାଇଲେ ରାତିରେ ଉପବାସ ରହିବାକୁ ପଡୁଛି ବୋଲି ଶିବାନୀ କହିଛନ୍ତି। ଶିଶୁଙ୍କୁ ପ୍ରଥମେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କ ଅବସ୍ଥା ଗୁରୁତର ରହିଛି। ତୁରନ୍ତ ଶିଶୁଙ୍କ ଚିକିତ୍ସା ଯୋଗାଇ ଦେବା ସହ ଅସହାୟ ଶିବାନୀଙ୍କୁ ତୁରନ୍ତ ବିଧବା ଭତ୍ତା, ରାଶନ କାର୍ଡ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସଂସ୍ଥାନରୁ ୧୦ ଶିଶୁ ଶ୍ରମିକ ଫେରାର

**କେନ୍ଦୁଝର/ଯୋଡ଼ା, ୩।୯(ସ୍ୱ.ପ୍ର.)**

ବିନା ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଥିବା ୧୦ ଶିଶୁ ଶ୍ରମିକ ସ୍ଥାନୀୟ ଶିଶୁ ଯତ୍ନ ସଂସ୍ଥାନରୁ ଫେରାର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଯୋଡା, ବଡବିଲ, ଘଷିପୁରା ଆଦି ବ୍ଲକ ଅଞ୍ଚଳର ବିଭିନ୍ନ ହୋଟେଲ, ଗ୍ୟାରେଜ ଓ ଅନ୍ୟ ସଂସ୍ଥାରେ କାମକରୁଥିବା ୪୪ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତି ଓ ପୋଲିସ ଉଦ୍ଧାର କରି ରବିବାର ରାତିରେ ସ୍ଥାନୀୟ ଶିଶୁ ଯତ୍ନ ସଂସ୍ଥାନ ଆଶୀର୍ବାଦ ବଏଜ ହୋମରେ ରଖାଯାଇଥିଲା। ସୋମବାର ସକାଳୁ ଖାଇବା ସମସ୍ୟାକୁ ନେଇ ୧୦ ଜଣ ପିଲା ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବଏଜ ହୋମ ପକ୍ଷରୁ ଶିଶୁ ମଙ୍ଗଳ କମିଟିକୁ ସକାଳେ ରିପୋର୍ଟ କରିଥିଲେ ହେଁ ଅଦ୍ୟାବଧି ଶିଶୁମାନଙ୍କ ପତା ମିଳୁ ନ ଥିବାରୁ ସେମାନଙ୍କ ଅଭିଭାବକମାନେ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେମାନଙ୍କୁ ନେବା ପାଇଁ ଆସିଥିବା ଅଭିଭାବକ ଶିଶୁମାନଙ୍କୁ ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଜିଲ ପ୍ରଶାସନଙ୍କଠାରେ ଫେରାଦ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ୨ ଜଣ ଘରକୁ ଫେରିଥିବା ବଏଜ ହୋମ ପକ୍ଷରୁ କୁହାଯାଇଛି। ଥାନାରେ ଏତଲା ଦିଆଯାଇ ନ ଥିବା ଜଣାଯାଇଛି। ମୁସ୍କାନ- ୨ କାର୍ଯ୍ୟକ୍ରମରେ ପୋଲିସ ବିଭାଗ ସେମାନଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିରେ ହାଜର କରିବା ପରେ ସେଠାରେ ରଖାଯାଇଥିଲା। ଏ ନେଇ ଆଶୀର୍ବାଦ ବଏଜ ହୋମର ସୁପରିଣ୍ଟେଣ୍ଡେଣ୍ଟ ବିକ୍ରମ ବାରିକଙ୍କୁ ପଚାରିବାରୁ ଏ ନେଇ ଶିଶୁ ମଙ୍ଗଳ କମିଟିକୁ ଜଣାଇଦିଆଯାଇଛି। କୌଣସି ଭୁଲ ନାହିଁ। ପାଖାପାଖି ୫୦ ଶିଶୁ ଆଗରୁ ରହୁଥିବାରୁ ଆଉ ରଖିବା ପାଇଁ କ୍ଷମତା ନାହିଁ। ସଂସ୍ଥାରେ ଏତେ ସଂଖ୍ୟାରେ ଶିଶୁ ରହି ପାରିବେ ନାହିଁ ବୋଲି କହିବା ସତ୍ତ୍ୱେ ରାତିରେ ୪୪ ଶିଶୁଙ୍କୁ ପୋଲିସ ଓ କମିଟି ଛାଡି ଯାଇଥିଲେ ବୋଲି ସେ କହିଛନ୍ତି। ଶିଶୁ ସୁରକ୍ଷା କମିଟିର ଅଧକ୍ଷ ଦୁଷ୍ମନ୍ତ ଜେନା କହିଛନ୍ତି, କମିଟି ପକ୍ଷରୁ ବଏଜ ହୋମକୁ ଯାଇ ଅନୁଧାନ କରାଯାଇଛି। ଏ ନେଇ ଥାନାରେ ଏତଲା ଦେବାକୁ ବଏଜ ହୋମକୁ କୁହାଯାଇଛି।

# ବନ୍ୟା ବିପନ୍ନଙ୍କ ପାଇଁ ରନ୍ଧା ଖାଦ୍ୟ

**ଆନନ୍ଦପୁର, ୩।୯(ସ୍ୱ.ପ୍ର.)**



ବାଲିପଡ଼ା ସାହି ଲୋକଙ୍କ ପାଇଁ ହୋଇଥିବା ଖାଦ୍ୟ।

ଆନନ୍ଦପୁର ପୌରପରିଷଦ ଫକୀରପୁର ୧୧ ନଂ ୱାର୍ଡ଼ ବାଲିପଡା ସାହିର ଲୋକେ ଦୁଇ ଦିନ ଧରି ବନ୍ୟା ଜଳ ପ୍ରଭାବରେ ନାନା ହଇରାଣ ହରକତ ହେବା ପରେ ନିଜ ଘରକୁ ଫେରିଛନ୍ତି। ବନ୍ୟାଜଳ ବାଲିପଡା ସାହିକୁ ଗୋଟାଏ ଦିନ ଘେରା ବନ୍ଦୀ ରଖିବା ଏବେ କମିବାରେ ଲାଗିଛି। ନିଜ ଭିଟାମାଟି ଛାଡି ସ୍ଥାନୀୟ ଜୟଦୁର୍ଗା ସ୍କୁଲରେ ଆଶ୍ରୟ ନେଇଥିବା ଲୋକେ ନିଜ ଘରକୁ ବାହୁଡିଛନ୍ତି। ସେମାନେ ଘରକୁ ଫେରିବା ପରେ ଘର ସାଜାଡିବା କାର୍ଯ୍ୟରେ ଲାଗି ପଡିଥିବାବେଳେ ସ୍ଥାନୀୟ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଓ ବିଧାୟକ ମାୟାଧର ଯେନାଙ୍କ ପ୍ରରୋଚନାରେ ସ୍ଥାନୀୟ ଯୁବ ଗୋଷ୍ଠୀ ଓ ବିଜୁ ଯୁବ ବାହିନୀର ସଦସ୍ୟମାନେ ସେମାନଙ୍କ ରାତ୍ର ଭୋଜନ ନିମନ୍ତେ ରନ୍ଧା ଖାଦ୍ୟର ବ୍ୟବସ୍ଥା ଗ୍ରହଣ କରିଥିବା ଜଣାପଡିଛି।

ବନ୍ୟାଜଳ ପ୍ରଭାବରେ ଚାଷୀମାନଙ୍କ ଚାଷ ଜମି ବିଶେଷ ଭାବେ ପ୍ରଭାବିତ ହେବା ସହିତ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ବହି ଖାତାଠାରୁ ଆରମ୍ଭ କରି ଅନେକ ଆସବାବ ପତ୍ର ନଷ୍ଟ ହୋଇଥିବା ପରିଲକ୍ଷିତ ହୋଇଛି। କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ପ୍ରଶାସନର ପ୍ରତିଶ୍ରୁତି ମୁତାବକ ଖୁବଶୀଘ୍ର ପୂରଣ କରାଯିବାର ଆବଶ୍ୟକତା ରହିଥିବା ସ୍ଥାନୀୟ ବୁଦ୍ଧିଜୀବୀ ଓ ସମାଜସେବୀମାନେ ମତ ପୋଷଣ କରିଛନ୍ତି।

# ଠକାମିର ଶିକାର ହେଲେ ୨ ଯୁବକ

**ପାଟଣା, ୩।୯(ସ୍ୱ.ପ୍ର.)**

ପାଟଣା ବ୍ଲକର ଦୁଇ ଶିକ୍ଷିତ ଯୁବକ ଚାକିରି ପାଇବା ଆଶାରେ ଠକାମିର ଶିକାର ହୋଇଛନ୍ତି। ଏ ନେଇ ସୋମବାର କେନ୍ଦୁଝର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ଠକାମିର ଶିକାର ହୋଇଥିବା ଯୁବକ ୨ ଜଣ ହେଉଛନ୍ତି ଏରେଣ୍ଡେଇ ପଞ୍ଚାୟତ ମଙ୍ଗୁରବିନ୍ଧା ସାହିର ଯାଦବ ମହାନ୍ତ ଏବଂ ଡୁମୁରିଆ ପଞ୍ଚାୟତ କୋଠାଘର ଗ୍ରାମର ଡମ୍ବରୁ ଧର ମହାନ୍ତ। ଉଭୟ ଯୁବକ ଦ୍ୱୟ ଯୁକ୍ତ ୨ କଳା ସହ କମ୍ପ୍ୟୁଟର ଶିକ୍ଷା ଲାଭ କରିଛନ୍ତି। ଗତ ମାର୍ଚ୍ଚ ୯ରେ ଏକ ଦୈନିକ ଖବରକାଗଜରୁ ହିମାଳୟ ହରବାଲ ଲିମିଟେଡ଼ କମ୍ପାନୀର ବିଜ୍ଞାପନ ଆଧାରରେ ଉକ୍ତ ଯୁବକ ଦ୍ୱୟ ଡାଟା ଏଣ୍ଟ୍ରି ଅପରେଟର ପଦବୀ ପାଇଁ ଅନଲାଇନରେ ଦରଖାସ୍ତ କରିଥିଲେ। ପରେ କମ୍ପାନୀ ତରଫରୁ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ମୋନିୟାଲା ସୁନିତା ପାତ୍ରଙ୍କ ଏସବିଆଇ ଜମା ଖାତାରେ ଷୋହଳ ହଜାର ଏକ ଶହ ଲେଖାଏଁ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଯୁବକ ଦ୍ୱୟ ସ୍ଥାନୀୟ ଏକ ସ୍ୱୟଂସହାୟକ ଗୋଷ୍ଠୀରୁ ଟଙ୍କା କରଜ କରି ଚାକିରି ପ୍ରଲୋଭନରେ ମୋଟ ୩୨,୨୦୦ ଟଙ୍କା ଜମା କରିଥିଲେ। ପରେ ଉକ୍ତ କମ୍ପାନୀ ଯୁବକଙ୍କ ଫୋନ ଆଉ ଉଠାଉ ନାହାନ୍ତି। ଏ ନେଇ ଯୁବକ ଦ୍ୱୟ ପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ। କୌଣସି ସୁଫଳ ନ ପାଇବାରୁ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷଙ୍କୁ ଜନଅଭିଯୋଗ ଶିବିରରେ ଅଭିଯୋଗ କରିଛନ୍ତି।

# ଖଟିଆରେ ବୁହାହେଲେ ରୋଗୀ



ରୋଗୀଙ୍କୁ ଖଟିଆରେ ବୁହାଯାଉଛି।

**ତେଲକୋଇ, ୩।୯(ଡି.ଏନ.ଏ.)**

ତେଲକୋଇ ବ୍ଲକ ବିଞ୍ଜବାହାଳ ପଞ୍ଚାୟତ ନୂଆଁଡିହ ଗ୍ରାମରେ ଜଣେ ଗୁରୁତର ରୋଗୀଙ୍କୁ ଖଟିଆରେ ବୁହା ହୋଇ ୧ କି.ମି. ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଭଳି ଅଭାବନୀୟ ଘଟଣା ଘଟିଛି। ସୋମବାର ସକାଳେ ନୂଆଁଡିହ ଗ୍ରାମର ଉର୍ମିଳା ମହାନ୍ତ(୫୫)ଙ୍କ ସ୍ୱାସ୍ଥ୍ୟ ଗୁରୁତର ହେବା ପରେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗ୍ରାମର ଶୋଚନୀୟ ରାସ୍ତା ପାଇଁ ଆମ୍ବୁଲାନ୍ସ ରୋଗୀ ପାଖରେ ପହଞ୍ଚି ପାରି ନ ଥିଲା। ଗ୍ରାମଠାରୁ ୧ କି.ମି. ଦୂରରେ ଅଟକି ରହିଥିଲା। ବାଧ୍ୟ ହୋଇ ଗ୍ରାମବାସୀ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ। ପରେ ରୋଗୀଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

# ଅବହେଳିତ ସହର ତଳି ଗାଁ କବିତ୍ରା

**କେନ୍ଦୁଝର, ୩।୯(ସ୍ୱ.ପ୍ର.)**

କେନ୍ଦୁଝର ସହରକୁ ଲାଗି ଏବଂ ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୫ କି.ମି. ଦୂରରେ ରହିଛି କବିତ୍ରା ଗ୍ରାମ। ସହର ତଳି ଗ୍ରାମ ଦୀର୍ଘ ବହୁ ବର୍ଷ ଧରି ଅବହେଳିତ ହୋଇ ରହିଥିଲେ ହେଁ କାହାରି ନଜର ପଡୁନାହିଁ। ଆଗରୁ ଉକ୍ତ ପଞ୍ଚାୟତରୁ କେନ୍ଦୁଝରଗଡ ପୌରପାଳିକାରେ ଅନ୍ତର୍ଭୁକ୍ତ ହୋଇଥିଲା। ପୌରପାଳିକା ପକ୍ଷରୁ ଅବହେଳା ପ୍ରଦର୍ଶନ ଯୋଗୁଁ ତାହାର ବିକାଶ ହୋଇ ନ ପାରିବାରୁ ପରବର୍ତ୍ତୀ ସମୟରେ ଗ୍ରାମବାସୀ ଆନ୍ଦୋଳନ କରି ଏବଂ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରେ ପୌରପାଳିକାରୁ ଅଲଗା ହୋଇଯାଇଥିଲେ। ସରକାର ବହୁ ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଗ୍ରାମର ବିକାଶ ହୋଇପାରୁନି।

ଗ୍ରାମକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ଲୋକେ ଯାତାୟାତ କରିବାରେ ବହୁ ଅସୁବିଧା ଭୋଗୁଛନ୍ତି। ଗ୍ରାମର ଡ୍ରେନେଜ, ସ୍ୱାସ୍ଥ୍ୟ ଓ ପରିମଳ ଅବସ୍ଥା, ବିଭିନ୍ନ ଦାରିଦ୍ର୍ୟ ଦୂରିକରଣ ଯୋଜନା, ବିଦ୍ୟୁତ୍ ଯୋଜନା ଆଦି ଉକ୍ତ ଗ୍ରାମରେ ସୁଚାରୁରୂପେ କାର୍ଯ୍ୟକାରୀ ହେଉ ନ ଥିବାରୁ ଅବହେଳିତ ହୋଇରହିଛି। ପ୍ରାଥମିକତା ଦେଇ ରାସ୍ତାଘାଟର ଉନ୍ନତି କରଣ ପାଇଁ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି।

# କୁଣ୍ଡାକୁଟ ରାସ୍ତା କାଦୁଅ ପଚପଚ

**କୋଳିମାଟି, ୩।୯**



କୁଣ୍ଡାକୁଟ ଗ୍ରାମର କାଦୁଅ ପଚପଚ ରାସ୍ତା।

କେନ୍ଦୁଝର ଜିଲା ଆନନ୍ଦପୁର ଧକୋଠା ପଞ୍ଚାୟତର କୁଣ୍ଡାକୁଟ ଗ୍ରାମ ରାସ୍ତା କାଦୁଅ ପଚପଚ ହୋଇଛି। ଉକ୍ତ ରାସ୍ତାରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ରାସ୍ତା ଶୋଚନୀୟ ହୋଇଥିବାରୁ ସ୍କୁଲକଲେଜ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇପାରୁନି। କୁଣ୍ଡାକୁଟ ଗ୍ରାମର ଲୋକେ ଏ ନେଇ ଧକୋଠା ପଞ୍ଚାୟତଠାରୁ ଆରମ୍ଭ କରି ଆନନ୍ଦପୁର ବ୍ଲକକୁ ଯାଇ ଗୁହାରି କରିଥିଲେ। ଅଦ୍ୟାବଧି ରାସ୍ତା ମରାମତି ହୋଇପାରୁନି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସ୍ୱଚ୍ଛତା ଲାଗି ସଚେତନତା ରାଲି

**ଚମ୍ପୁଆ, ୩।୯(ଡି.ଏନ.ଏ.)**

ଚମ୍ପୁଆସ୍ଥିତ ମୌଲାନାଗୋଡ଼ାଠାରେ ଥିବା ମାଦ୍ରାସା ଦାରୁସ ସାଲାମ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ସେପ୍ଟେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ପାଳନ ହେଉଥିବା ସ୍ୱଚ୍ଛତା ପକ୍ଷ ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହମ୍ମଦ ମୁଦାସିର ନାଜରଙ୍କ ନେତୃତ୍ୱରେ ୩ୟ, ୪ର୍ଥ ଓ ୫ମ ଶ୍ରେଣୀର ପ୍ରାୟ ୯୦ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ସମ୍ପର୍କିତ ସ୍ଲୋଗାନ ମାନ ଦେଇ ସ୍ଥାନୀୟ ୱାର୍ଡ ଗୁଡିକୁ ପରିକ୍ରମା କରାଯାଇଥିଲା। ବିଦ୍ୟାଳୟର ସ୍ୱଚ୍ଛତା ରକ୍ଷା କରିବା ସହିତ ସ୍ଥାନୀୟ ଅଞ୍ଚଳକୁ ସ୍ୱଚ୍ଛ କରିବା ନିମିତ୍ତ ଜନସାଧାରଣଙ୍କୁ ସଚେତନ କରିଥିଲେ।



ଛାତ୍ରୀଛାତ୍ର ରାଲିରେ ଯାଉଛନ୍ତି।

# ଧାନ କ୍ଷେତ ଉଜାଡ଼ିଲେ ହାତୀପଲ

**ଝୁମ୍ପୁରା, ୩।୯(ଡି.ଏନ.ଏ.)**



ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

**ଚିନ୍ତାରେ ଚାଷୀ**
- ହାତୀ ଘଉଡାଇବାରେ ବନ କର୍ମଚାରୀ ବିଫଳ
- ଟର୍ଚ୍ଚ, ବାଣ ଯୋଗାଯାଉ ନ ଥିବା ଅଭିଯୋଗ

ଚମ୍ପୁଆ ଅନ୍ତର୍ଗତ ବାମେବାରୀ ଏବଂ ବାଲିବନ୍ଧ ଫରେଷ୍ଟ ଅଞ୍ଚଳରେ ରହିଥିବା ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ହାତୀପଲଙ୍କ ଦୌରାତ୍ମ୍ୟ ଲାଗି ରହିଛି। ଫଳରେ ଚାଷୀ ଅତିଷ୍ଠ ହୋଇ ଗଲେଣି। ଖରିଫ ଚାଷକୁ ହାତୀପଲ ନଷ୍ଟ କରୁଛନ୍ତି। ଧାନ ଫସଲ ଆରମ୍ଭରୁ ହିଁ ହାତୀପଲ ଖମାର ଗାଁର ଚାଷ କ୍ଷେତରେ ପଶି ନଷ୍ଟ କରିଛନ୍ତି। ହାତୀ ଘଉଡାଇବା ପାଇଁ ବନ କର୍ମଚାରୀ ନ ପହଞ୍ଚିବା, ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକୁ ଟର୍ଚ୍ଚ, ବାଣ ଯୋଗାଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଜୟପୁର, ନାଉପାଣି, ହାତୀଦରୀ, ଚିପିଣ୍ଡା, ବାମନଡିହା, କାଳିଆପାଳ, ବସନ୍ତପୁର, ରୁଗୁଡି ସାହି, ନଇବୁଗା, ଧନୁର୍ଜୟପୁର ଗ୍ରାମର ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ଚାଷୀ ହତାଶ ହୋଇଯାଇଛନ୍ତି।

ଗୁଡାଧାନ (ଛୋଟ ଧାନ) ପାଚିବା ସମୟରେ ହାତୀପଲ ପଶି ଆସି ନଷ୍ଟ କରୁଛନ୍ତି। ନିରୂପାୟ ଚାଷୀମାନେ କଞ୍ଚାପଚିଲା ଗୁଡାଧାନକୁ କାଟି ନେବା ପାଇଁ ବାଧ୍ୟ ହେଉଛନ୍ତି। ଦିନ ବେଳେ ହାତୀପଲ ଜଙ୍ଗଲରେ ରହୁଥିବା ବେଳେ ରାତି ବେଳା ଗାଁ ଖମାରକୁ ପଶି ଆସୁଛନ୍ତି। ୩ ଦିନ ହେବ ରାତି ବେଳା ଜୟପୁର, ବସନ୍ତପୁର, ରୁଗୁଡି ସାହି ଖମାରକୁ ପଶି ବହୁ ଏକର ଗୁଡାଧାନ ଫସଲ ନଷ୍ଟ କରିବା ସହିତ ଖାଇ ଯାଇଛନ୍ତି। ଗୁଡାଧା ନଷ୍ଟ ହେବା ନେଇ ଚାଷୀ ସମାର ମୁଣ୍ଡା, ସୁନାରାମ ମୁଣ୍ଡା, ଗୁରା ମୁଣ୍ଡା, ସନାତନ ମୁଣ୍ଡା, ପିଠାଖିଆ ମୁଣ୍ଡା ପ୍ରମୁଖ ବାମେବାରୀ ଫରେଷ୍ଟ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବାମେବାରୀ ଫରେଷ୍ଟ ନୟାଗଡ ଏବଂ କାଶିଆ ଜଙ୍ଗଲରେ ୧୨ଟି ଲେଖାଏଁ ହାତୀ ଥିବା ୨ଟି ଦଳ ରହୁଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ଏ ନେଇ ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁଙ୍କୁ ପଚାରିବାରୁ ହାତୀ ଘଉଡାଇବା ପାଇଁ ପେଟ୍ରୋଲିଂ ବ୍ୟବସ୍ଥା ଜାରି ରହିଛି। କ୍ଷତିଗ୍ରସ୍ଥ ଚାଷୀଙ୍କ ଅଭିଯୋଗ ରିପୋର୍ଟ ପଠାଯାଉଛି ବୋଲି ସେ କହିଛନ୍ତି।